# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 12 August – 2026

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ୨୪ଟି ଜିଲ୍ଲାର ୧୫୪ଟି ବ୍ଲକର ୮୯୭ଟି ପଞ୍ଚାୟତ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ; ସୂଚନା ଦେଲେ ରାଜସ୍ୱ ମନ୍ତ୍ରୀ
- ଓଡ଼ିଶା ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ପ୍ରକାଶ; ପାସ୍ ହାର ୬୩ ଦଶମିକ ୬/୪ ପ୍ରତିଶତ
- ରାଜ୍ୟର ୩ଟି ସରକାରୀ ମେଡିକାଲ କଲେଜରେ ୧୧ଟି ପୋଷ୍ଟ ଡିପ୍ଲୋମା ସିଟ୍‌କୁ ମିଳିଲା ଅନୁମୋଦନ

ଏବଂ

- ସେବା, କର୍ତ୍ତବ୍ୟ ନିଷ୍ଠା ଓ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୫୫ ଜଣ ପୁଲିସ କର୍ମଚାରୀଙ୍କୁ ମିଳିଲା ଡିଜିପି ଡିସ୍କ ସମ୍ମାନ

Desk

## ବନ୍ୟା କ୍ଷୟକ୍ଷତି ଆକଳନ

ରାଜ୍ୟରେ ଚଳିତ ବନ୍ୟାରେ ୨୪ଟି ଜିଲ୍ଲାରେ ୧୫୪ଟି ବ୍ଲକର ୮୭୯ଟି ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ବନ୍ୟା କ୍ଷୟକ୍ଷତିର ଆକଳନ ନେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ବନ୍ୟାରେ ୨ ହଜାର ୮୫୫ଟି ଗାଁ କ୍ଷତିଗ୍ରସ୍ତ ହୋଇଛି। ସହରାଞ୍ଚଳର ୨୦୯ଟି ୱାର୍ଡରେ ୧୩ ଲକ୍ଷ ୭୧ ହଜାର ୩୭୮ ଜଣ ପ୍ରଭାବିତ ହୋଇଥିବା ମନ୍ତ୍ରୀ କହିଛନ୍ତି। ବନ୍ୟା ବେଳେ ୩୬୬ଟି ଗାଁରୁ ୭ ଲକ୍ଷ ୨୨ ହଜାର ୭୩୨ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ବନ୍ୟାରେ ୭୯ ହଜାର ୮୨୪ ହେକ୍ଟର ଚାଷଜମି ଏବଂ ୫ ହଜାର ୪୪ଟି ଘର କ୍ଷତିଗ୍ରସ୍ତ ହୋଇଛି। ସରକାରଙ୍କ ପକ୍ଷରୁ ୭୮୩ଟି ରିଲିଫ କ୍ୟାମ୍ପ ଖୋଲାଯାଇଥିଲା। କୃଷି କ୍ଷେତ୍ରର କ୍ଷୟକ୍ଷତି ଏବଂ ସାହାଯ୍ୟ ନେଇ କ୍ୟାବିନେଟରେ ଆଲୋଚନା କରାଯିବ। କ୍ଷତିଗ୍ରସ୍ତ ଚାଷୀଙ୍କୁ ବିହନ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

**- V/O –**

Desk

## ମାଟ୍ରିକ ପରୀକ୍ଷାଫଳ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ପରୀକ୍ଷା ଦେଇଥିବା ୫ ହଜାର ୭୬୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩ ହଜାର ୬୬୬ ଜଣ ଉତ୍ତୀର୍ଣ୍ଣ

ହୋଇଛନ୍ତି । ପାସ୍ ହାର ୬୩ ଦଶମିକ ୬/୪ ପ୍ରତିଶତ ରହିଛି । ଏଥିସହିତ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ (ଦ୍ୱିତୀୟ) ପରୀକ୍ଷାଫଳ ମଧ୍ୟ ପ୍ରକାଶ ପାଇଛି । ଏଥିରେ ପାସ୍ ହାର ୬୨ ଦଶମିକ ୬/୫ ପ୍ରତିଶତ ରହିଛି । ଆସନ୍ତା ୧୭ ତାରିଖରୁ ଛାତ୍ରଛାତ୍ରୀମାନେ ବୋର୍ଡ ୱେବସାଇଟ୍‌ରୁ ଡିଜିଟାଲ ସାର୍ଟିଫିକେଟ୍ ଡାଉନଲୋଡ୍ କରିପାରିବେ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

Desk

## ସ୍ୱାସ୍ଥ୍ୟମନ୍ତ୍ରୀ– ଏଚ୍‌ଆଇଭି

ସଚେତନତା, ସଠିକ ସୂଚନା, ପରୀକ୍ଷା ଓ ଚିକିତ୍ସା’ ଏଡ୍‌ସ ବିରୋଧୀ ଲଢ଼େଇର ମୁଖ୍ୟ ଅସ୍ତ୍ର ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ଖୋର୍ଦ୍ଧା ଟାଉନ ହଲ ପରିସରରୁ ଏଚ୍.ଆଇ.ଭି ସମ୍ପର୍କିତ ଦୁଇ ମାସିକ ସୂଚନା, ଶିକ୍ଷା ଓ ଯୋଗାଯୋଗ ରାଜ୍ୟସ୍ତରୀୟ ଅଭିଯାନ ୨୦୨୬-୨୭ ତୃତୀୟ ପର୍ଯ୍ୟାୟର ଶୁଭାରମ୍ଭ କରି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ଏଚ୍.ଆଇ.ଭି. ବିରୋଧ ଲଢ଼େଇ ହେଉଛି ଅଜ୍ଞତା, ଭୟ, ଭ୍ରାନ୍ତ ଧାରଣା ଓ ଭେଦଭାବ ବିରୋଧରେ ଲଢ଼େଇ । ଓଡ଼ିଶାରେ ୪୬ ହଜାର ଏଚ୍.ଆଇ.ଭି. ସଂକ୍ରମିତ ଥିବା ମନ୍ତ୍ରୀ କହିଛନ୍ତି । ସେଥିମଧ୍ୟରୁ ୧୫ ବର୍ଷରୁ କମ୍ ବୟସର ୧ ହଜାର ୫୩୦ ଜଣ ଏବଂ ୧୫ରୁ ୨୪ ବର୍ଷ ବୟସର ୨ ହଜାର ୭୨୫ ଜଣ ଯୁବକ ଯୁବତୀ ଅନ୍ତର୍ଭୁକ୍ତ । ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ତୁଳନା କଲେ ଏଚ୍.ଆଇ.ଭି.ର ମୋଟ ପ୍ରତିଶତ ଦୃଷ୍ଟିରୁ ଓଡ଼ିଶାର ସ୍ଥାନ ୧୫ରେ ରହିଛି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ।

HS

# ପୋଷ୍ଟ ଡିପ୍ଲୋମା ସିଟ୍ ଅନୁମୋଦନ

ରାଜ୍ୟର ତିନୋଟି ସରକାରୀ ମେଡିକାଲ କଲେଜରେ ୧୧ଟି ପୋଷ୍ଟ ଡିପ୍ଲୋମା ଡିଏନ୍‌ବି ସିଟ୍‌କୁ ଅନୁମୋଦନ ମିଳିଛି। ନୂଆଦିଲ୍ଲୀସ୍ଥିତ ଭେଷଜ ବିଜ୍ଞାନ ଜାତୀୟ ପରୀକ୍ଷା ବୋର୍ଡ– ଏନ୍.ବି.ଇ.ଏମ୍.ଏସ୍. ପକ୍ଷରୁ ରାଜ୍ୟର ତିନୋଟି ସରକାରୀ ମେଡିକାଲ କଲେଜରେ ପ୍ରସୂତି ଓ ସ୍ତ୍ରୀ ରୋଗ, ଚକ୍ଷୁ, ଟିବି ଓ ଛାତି ରୋଗ ଏବଂ ନିଶ୍ଚେତନ ବିଜ୍ଞାନ ଭଳି  ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମୋଟ ୧୧ଟି ପୋଷ୍ଟ ଡିପ୍ଲୋମା ଡିଏନ୍‌ବି ସିଟ୍‌କୁ ମାନ୍ୟତା ପ୍ରଦାନ କରାଯାଇଛି। ପୁରୀସ୍ଥିତ ଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲ, ବଲାଙ୍ଗୀରସ୍ଥିତ ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲ, କୋରାପୁଟସ୍ଥିତ ସହିଦ୍ ଲକ୍ଷ୍ମଣ ନାଏକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଏହି ସିଟ୍‌କୁ ମାନ୍ୟତା ପ୍ରଦାନ କରାଯାଇଛି। ସମୁଦାୟ ୧୧ଟି ସିଟ୍ ମଧ୍ୟରୁ ଓଡ଼ିଶାରେ ଚାକିରିରେ ଥିବା ଡାକ୍ତରମାନଙ୍କ ପାଇଁ ୫ଟି ସିଟ୍ ସଂରକ୍ଷିତ ରହିବ। ଏହି ସିଟ୍ ଅନୁମୋଦନ ଫଳରେ ଡାକ୍ତରମାନଙ୍କୁ ନିଜ ସରକାରୀ ସେବା ଜାରି ରଖିବା ସହିତ ଉଚ୍ଚସ୍ତର ପୋଷ୍ଟ ଗ୍ରାଜୁଏଟ ପ୍ରଶିକ୍ଷଣ ହାସଲ କରିବାର ସୁଯୋଗ ମିଳିବ। ଏଥିପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କେନ୍ଦ୍ର ସରକାରଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି।

Desk

# ବିଶ୍ୱ ହାତୀ ଦିବସ

ହାତୀମାନଙ୍କର ସୁରକ୍ଷା ଏବଂ ସଂରକ୍ଷଣ ବାର୍ତ୍ତା ନେଇ ୨୦୧୧ ମସିହାରୁ ଆଜିର ଦିନକୁ ବିଶ୍ୱ ହାତୀ ଦିବସ ଭାବେ ପାଳନ କରାଯାଉଛି ।

୨୦୨୪ ହାତୀ ଗଣନା ରିପୋର୍ଟ ଅନୁସାରେ, ରାଜ୍ୟର ୨୮ଟି ଜିଲ୍ଲାର ୪୮ଟି ବନଖଣ୍ଡରେ ହାତୀ ସଂଖ୍ୟା ୨ହଜାର ୧୦୩  ଥିଲା। ୧୩ଟି ବନଖଣ୍ଡରେ ଆଦୌ ହାତୀ ନଥିବା ବେଳେ ଢେଙ୍କାନାଳରେ ସର୍ବାଧିକ ୨୯୧ଟି ହାତୀ ରହିଥିବା ଜଣାପଡିଛି । ରାୟଗଡ଼ା ଓ ଝାରସୁଗୁଡ଼ା ବନଖଣ୍ଡରେ ଗୋଟିଏ ଲେଖାଏଁ ହାତୀ ଥିବା ଗଣନାରୁ ଜଣାପଡିଛି। ୨୦୧୭ ମସିହା ହାତୀଗଣନା ତୁଳନାରେ ୨୦୨୪ ମସିହାରେ ଅଧିକ ୧୬୦ଟି ହାତୀ ବଢ଼ିଛନ୍ତି। ହାତୀଙ୍କ ଚଳପ୍ରଚଳ ପାଇଁ ୧୪ଟି ହାତୀ କରିଡର ଚିହ୍ନଟ କରାଯାଇଛି। ଆକଳନ ଅନୁଯାୟୀ ଭାରତରେ ଏସୀୟ ହାତୀଙ୍କ ସଂଖ୍ୟା ପ୍ରାୟ ୨୨ ହଜାର ୪୪୬ ରହିଛି । ପରିବେଶ ସନ୍ତୁଳନ ରକ୍ଷା କରିବାରେ ଏହି ବୃହଦାକାୟ ତୃଣଭୋଜୀ ପ୍ରାଣୀଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ।

HS

## ଡିଜିପି ଡିସ୍କ ପ୍ରଦାନ

ଭୁବନେଶ୍ୱରସ୍ଥିତ ପୁଲିସ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ୫୫ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ଡିସ୍କ ପ୍ରଦାନ କରି ସମ୍ମାନିତ କରିଛନ୍ତି। ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସେବା, କର୍ତ୍ତବ୍ୟନିଷ୍ଠା ଓ ଉଲ୍ଲେଖନୀୟ କାର୍ଯ୍ୟ ଦକ୍ଷତା ନିମନ୍ତେ ୯୧ତମ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ଏହି ପଦକ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ପୁଲିସ ମୁଖ୍ୟାଳୟର ବହୁ ବରିଷ୍ଠ ପୁଲିସ

ଅଧିକାରୀଙ୍କ ଉପସ୍ଥିତିରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ତତ୍ତ୍ୱାବଧାନରେ ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା ।

Desk

# ଚିତାଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀବିଗ୍ରହମାନଙ୍କର ଚିତାଲାଗି ନୀତି ଅନୁଷ୍ଠିତ ହେଉଛି । ଶ୍ରୀମନ୍ଦିରରେ ଦାରୁବିଗ୍ରହଙ୍କୁ ଦଇତାପତି ସେବକମାନେ ରତ୍ନଚିତା ଲାଗି କରୁଛନ୍ତି । ତିନି ବାଡ଼ର ବାଡ଼ଗ୍ରାହୀ ଓ ଦଇତାପତି ସେବକମାନେ ଶ୍ରୀଅଙ୍ଗରେ ଅଳଙ୍କାର ଲାଗି କରୁଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ୱେତ ହୀରାଖଚିତ ସୁବର୍ଣ୍ଣ ଚିତା ଧାରଣ କରିଛନ୍ତି । ବଡ଼ଠାକୁର ବଳଭଦ୍ର ନୀଳା ଏବଂ ଦେବୀ ସୁଭଦ୍ରା ମାଣିକ ଖଚିତ ସୁବର୍ଣ୍ଣ ଚିତା ଧାରଣ କରିଛନ୍ତି । ପ୍ରଥମ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଅପରାହ୍ଣ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି ।

Kendrapada

# ଦେବନୀତି ସମାପିତ

ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉ ମନ୍ଦିରରେ ପାରମ୍ପରିକ ରୀତିରେ ଚିତାଲାଗି ଦେବନୀତି ସମାପିତ ହୋଇଛି । ଶ୍ରୀବଳଦେବଙ୍କୁ ମର୍କତମଣି ସୁବର୍ଣ୍ଣ ଚିତା, ମା’ ସୁଭଦ୍ରାଙ୍କୁ ପାନା ସୁବର୍ଣ୍ଣ ଚିତା ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବ୍ରହ୍ମଜ୍ୟୋତି ସୁବର୍ଣ୍ଣ ଚିତା ଲାଗି କରାଯାଇଛି ।

ମଙ୍ଗଳାର୍ପଣ ପରେ ଶ୍ରୀଜୀଉମାନଙ୍କ ନିକଟରେ ଆଜି ଚିତଉ ପିଠା ଭୋଗଲାଗି କରାଯାଇଥିଲା।

Boudh/Rayagada

## ହର୍ ଘର୍ ତିରଙ୍ଗା

ରାୟଗଡ଼ା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ 'ହର୍ ଘର୍ ତିରଙ୍ଗା' 'ବନ୍ଦେ ମାତରମ୍' ଆମର ଭାବନା ଉଦ୍ଦେଶ୍ୟରେ ସମର୍ପିତ ତିନିଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଆସନ୍ତାକାଲି ବାଇକ୍ ରାଲି ଓ ତିରଙ୍ଗା ପଦଯାତ୍ରା ଆୟୋଜିତ ହେବ। ୧୪ ତାରିଖ ଦ୍ୱିତୀୟ ଦିନ ରଙ୍ଗୋଲି ଚିତ୍ରକଳା ପ୍ରତିଯୋଗିତା ଏବଂ ୧୫ ତାରିଖ ଦିନ 'ବନ୍ଦେ ମାତରମ' ଦେଶାତ୍ମବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ କହିଛନ୍ତି।

ହର୍ ଘର୍ ତିରଙ୍ଗା ଅଭିଯାନରେ ବୌଦ୍ଧ ଜିଲ୍ଲା ଷ୍ଟାଡିୟମ୍‌ଠାରୁ ଆଜି ଏକ ସାଇକେଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ସାଇକେଲ ଶୋଭାଯାତ୍ରାକୁ ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଶୁଭାରମ୍ଭ କରିଥିଲେ।

Boudh

## କୁଷ୍ଠରୋଗ ମୁକ୍ତ ଅଭିଯାନ

ବୌଦ୍ଧ ଜିଲ୍ଲାକୁ କୁଷ୍ଠରୋଗ ମୁକ୍ତ କରିବା ପାଇଁ ଚଳିତ ମାସ ୧୭ରୁ ୩୧ ତାରିଖ ପର୍ଯ୍ୟନ୍ତ ଏକ ଅଭିଯାନ ପରିଚାଳିତ ହେବ। କାର୍ଯ୍ୟକ୍ରମରେ ୬୬ ଜଣ ଆଶା ଓ ୯୧ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟୋଜିତ କରାଯାଇଛି।

ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ରୋଗୀ ଚିହ୍ନଟ କରିବେ। ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

Nuapada

## ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛତା ପରିସରରେ 'ଭୁଲି ଯାଇଥିବା ଖାଦ୍ୟ ଓ ଅବହେଳିତ ଫସଲର ପୁନରୁଦ୍ଧାର ଏବଂ ସ୍ଥାୟୀ  ତିବ୍ରୀକରଣ' ଯୋଜନା ଅଧୀନରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ 'ଭୁଲି ଯାଇଥିବା ଖାଦ୍ୟ ଓ ଅବହେଳିତ ଫସଲର ଗୁରୁତ୍ୱ, ପୁଷ୍ଟିଗୁଣ, ପାରମ୍ପରିକ ଓ ସାଂସ୍କୃତିକ ମହତ୍ତ୍ୱ, ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କୋମନା ବ୍ଲକ କୃଷି ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ସମେତ ୩୬୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

Nuapada

## ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା ଜିଲ୍ଲା ଖଡ଼ିଆଳସ୍ଥିତ ଖଡ଼ିଆଳ ଡିଗ୍ରୀ ମହିଳା କଲେଜ ପରିସରରେ ଏବଂ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳନ କରାଯାଇଛି।  ଏହି ପରିପ୍ରେକ୍ଷୀରେ ଏକ ଏଡ୍ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ଯୁବବର୍ଗଙ୍କୁ ଏଡ୍ସ ସମ୍ପର୍କରେ ସଚେତନ କରିବା ପାଇଁ ଆଜିଠାରୁ ଆରମ୍ଭ ହୋଇଥିବା ଅଭିଯାନ ଅକ୍ଟୋବର ମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।  କୋମନାସ୍ଥିତ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ନବନିତା ଦାସ ଯୁବ ଦିବସ ସମ୍ପର୍କରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ।

Ganjam

## ଆମ ଗଞ୍ଜାମ ଅଭିଯାନ

ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଦେଶ ପ୍ରେମର ବାର୍ତ୍ତା ନେଇ ଗଞ୍ଜାମ ବ୍ଲକର ପଣିବନ୍ଧ ଗ୍ରାମରେ 'ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ' ଅଭିଯାନ ଅନୁଷ୍ଠିତ ହୋଇଛି। ଅଭିଯାନ ମାଧ୍ୟମରେ ସ୍ୱଚ୍ଛତା ପ୍ରତି ସଚେତନତା ସୃଷ୍ଟି ସହ ପରିବେଶ ସୁରକ୍ଷା ପାଇଁ ସାମୂହିକ ସଂକଳ୍ପ ନିଆଯାଇଥିଲା। ଏହି ଅବସରରେ ଅଞ୍ଚଳବାସୀଙ୍କୁ ଜାତୀୟ ପତାକା ବଣ୍ଟନ କରାଯିବା ସହ ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉତ୍ତୋଳନ କରି ଦେଶ ପ୍ରେମ ଓ ଜାତୀୟ ଏକତାର ବାର୍ତ୍ତାକୁ ବ୍ୟାପକ କରିବାକୁ ପାଇଁ ଅନୁରୋଧ କରାଯାଇଥିଲା।